## ସଂକ୍ଷେପରେ

### ପୋଖରୀରେ ବୁଡ଼ି ନାବାଳକ ମୃତ

**କାମାକ୍ଷାନଗର, ୧୨।୨(ଡି.ଏନ୍.ଏ.):** ଖେଳୁଥିବାବେଳେ ଅସାବଧାନତାରୁ ପୋଖରୀରେ ବୁଡ଼ିଯାଇ ଚାଲିଯାଇଛି ଜଣେ ୧୨ ବର୍ଷର ନାବାଳକଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଘଟିଛି କାମାକ୍ଷାନଗର ଥାନା ଆଲୁଅଝରଣ ଗ୍ରାମରେ। ମୃତକ ହେଲେ ସୁରେଶ ବିଶ୍ୱାଳଙ୍କ ପୁଅ ଆଶୁତୋଷ। ସୂଚନାଯୋଗ୍ୟ, ଆଶୁତୋଷ ଘର ପାଖରେ ଥିବା ପୋଖରୀ ନିକଟରେ ଖେଳୁଥିବାବେଳେ ଏହି ଅଘଟଣ ଘଟିଥିଲା। ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

### ଜିରିଡ଼ାମାଳି ଶିବ ମନ୍ଦିରରୁ ଚୋରି

**କାମାକ୍ଷାନଗର, ୧୨।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡ଼ାମାଳିସ୍ଥିତ ଶିବମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ଥିବା ଦାନବାକ୍ସ ଭାଙ୍ଗି ସବୁ ଟଙ୍କା ନେଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ କେହି ଗିରଫ ହୋଇନାହାନ୍ତି। ସୂଚନାଯୋଗ୍ୟ, ଅସାମାଜିକମାନେ ବାରମ୍ବାର ଅଞ୍ଚଳର ଦେବାଳୟଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଗତ ଦୁଇ ମାସରେ ଏହା ହେଉଛି ଚତୁର୍ଥ ଘଟଣା। ତେଣୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସାଧାରଣରେ ଦାବି କରାଯାଇଛି।

### ସୁବଳ ସଭାପତି, ପ୍ରଫୁଲ୍ଲ ସମ୍ପାଦକ

**ଢେଙ୍କାନାଳ ଅଫିସ, ୧୨।୨**
ଓଡ଼ିଶାର ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ ରବିବାର ଢେଙ୍କାନାଳଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁବଳ କିଶୋର ମହାନ୍ତି, ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ ସିଂ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଗୀତାଞ୍ଜଳି ଦେହୁରୀ, ଅନନ୍ତ ପାତ୍ର, ଶୁକଦେବ ମାଝି, ସୁରେଶ ସାହୁ ନିର୍ବାଚିତ ହୋଇଛନ୍ତି। ସହ ସମ୍ପାଦକ ଗିରୀଶ ଚନ୍ଦ୍ର ନାୟକ, ସୀମାଞ୍ଚଳ ମହାନ୍ତି, ପ୍ରମୋଦ ଦାସ, ବିଚିତ୍ରାନନ୍ଦ ଦେହୁରୀ, ସଙ୍ଗଠନ ସମ୍ପାଦକ ରବୀନ୍ଦ୍ର ପରିଡ଼ା, ଯୁଗଜ୍ୟୋତି ବେହେରା, ମହେନ୍ଦ୍ରନାଥ ସୁଆର, ସାଂସ୍କୃତିକ ସମ୍ପାଦକ ପ୍ରତାପ ମହାନ୍ତି, କୋଷାଧ୍ୟକ୍ଷ ଭାବେ ତ୍ରିନାଥ ସେଠୀ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ସରୋଜ ମହାନ୍ତି, କମଳାକାନ୍ତ ବେହେରା, କୁରେଶ ପାଣିଗ୍ରାହୀ, ସାରଥୀ ପ୍ରଧାନ ସ୍ଥାନ ପାଇଥିବାବେଳେ ପରାମର୍ଶଦାତା ଭାବେ ଶଶାଙ୍କ ସାହୁଙ୍କୁ ଚୟନ କରାଯାଇଛି।

### ଅଷ୍ଟପ୍ରହର ନାମଯଜ୍ଞ

**ପରଜଙ୍ଗ, ୧୨।୨(ଡି.ଏନ.ଏ.)**
ପରଜଙ୍ଗ ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କୁଲେଇ ଗ୍ରାମ ପାତ୍ରସାହିରେ ୨୫ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଶୁକ୍ରବାର ରାତିରେ ଅଧିବାସ ହୋଇଥିଲା। ଶନିବାର ଦିନତମାମ ନାମଯଜ୍ଞର ଆୟୋଜନ କରାଯାଇଥିବାବେଳେ ରବିବାର ନଗରକୀର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ୨୨ଟି କୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ । ପୂଜକ ଦୁର୍ଗାଚରଣ କରଙ୍କ ପୌରୋହିତ୍ୟରେ ଶ୍ରୀକାନ୍ତ ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏମ୍‌ପି ମହେଶ ସାହୁ, ଯୁବ ବିଜେଡି ନେତା ଅସିତ୍ କୁମାର ରାୟଚୌଧୁରୀ, ଜିଲା ପରିଷଦ ସଦସ୍ୟା ରୁନୁ ବର୍ମା, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ ବେହେରା, ସାମାଜିକ କର୍ମୀ ଜନ୍ମେଶ୍ୱର ବର୍ମା, ଦିଲୀପ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସତ୍ୟାନନ୍ଦ ପାତ୍ରଙ୍କ ନେତୃତ୍ୱରେ ସମସ୍ତ ସାହିବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ ସୈନିକ ସଂଘର ବୈଠକ

**ଢେଙ୍କାନାଳ ଅଫିସ, ୧୨।୨**
ଢେଙ୍କାନାଳ ପୂର୍ବତନ ସୈନିକ ସଂଘର ସାଧାରଣ ବୈଠକ ଲେଖକ ସଂସଦ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ କୈଳାସ ଚନ୍ଦ୍ର ରାଉତ, ଉପସଭାପତି ବିମଳ ଶତପଥୀ, ବିଭୂତି ନନ୍ଦ, ସମ୍ପାଦକ ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ହୋତା, କୋଷାଧ୍ୟକ୍ଷ ଭାବେ ଅଖିଳ ରାଉତଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା।

# ବଳକା ଧାନ ବିକ୍ରି ଚିନ୍ତା

■ପ୍ରଥମ ପର୍ଯ୍ୟାୟରେ ଧାର୍ଯ୍ୟ ଲକ୍ଷ୍ୟ ୧୨.୯୬ ଲକ୍ଷ କୁଇଣ୍ଟାଲ

■ଫେବୃୟାରୀ ଦ୍ୱିତୀୟ ସପ୍ତାହ ସୁଦ୍ଧା କିଣାଯାଇଛି ୧୦ଲକ୍ଷ କୁଇଣ୍ଟାଲ



**ଢେଙ୍କାନାଳ ଅଫିସ, ୧୨।୨**

ମିଳିଥିବା ଟୋକନ ଅନୁଯାୟୀ ବିକ୍ରି ସରିଛି ଧାନ। ହେଲେ ଅମଳ ତୁଳନାରେ ଏହା ଯଥେଷ୍ଟ କମ୍। ବଳିଯାଇଥିବା ଧାନ ଅସୁରକ୍ଷିତ ଭାବେ ଖଳାରେ ଏବଂ ଘର ବାରଣ୍ଡାରେ ପଡ଼ିଥିବାବେଳେ ହାତୀ, ବାର୍‌ହା ମୁହଁରେ ଯାଉଛି। ଏଭଳି ସ୍ଥିତିରେ ଝାଳବୁହା ପରିଶ୍ରମ କରି ଉତ୍ପାଦନ କରିଥିବା ଧାନ କୁଆଡ଼େ ନେବେ, କାହାକୁ ଏବଂ କେମିତି ବିକ୍ରି କରିବେ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଢେଙ୍କାନାଳ ଜିଲାର ଚାଷୀ। ଅନ୍ୟପଟେ ଦ୍ୱିତୀୟ ପର୍ଯ୍ୟାୟ ଧାନ ସଂଗ୍ରହ କେବେ ଆରମ୍ଭ ହେବ ତାହା ସ୍ପଷ୍ଟ ହୋଇପାରୁ ନ ଥିବାରୁ ଏହାର ସୁଯୋଗରେ ଦଲାଲ ସକ୍ରିୟ ହୋଇଉଠିଛନ୍ତି।

ଢେଙ୍କାନାଳ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୨ଲକ୍ଷ ୯୬ ହଜାର ୨୫୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏଥିଲାଗି ୧୩୬ ମଣ୍ଡି କରାଯାଇଥିଲା। ସେଥିରୁ ୮୦ଟି ପାକ୍ସ ଏବଂ ଅବଶିଷ୍ଟ ୫୬ଟି ଏସ୍‌ଏଚ୍‌ଜି ପରିଚାଳନା କରୁଛି। ୨୦୨୨ ଡିସେମ୍ବର ୨୮ରୁ ୨୦୨୩ ମାର୍ଚ୍ଚ ୩୧ ଯାଏ ଧାନକିଣା ଲାଗି ସମୟସୀମା ଧାର୍ଯ୍ୟ କରାଯାଇଥିବାବେଳେ ପଞ୍ଜୀକୃତ ୫୮ ହଜାର ୧୮୮ ଚାଷୀ ଟୋକନ ପାଇଥିଲେ। ଫେବୃୟାରୀ ପ୍ରଥମ ଦ୍ୱିତୀୟ ସପ୍ତାହ ସୁଦ୍ଧା ୧୦ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣା ସରିଲାଣି। ବୃହତ୍ ଚାଷୀମାନେ ନିର୍ଦ୍ଧାରିତ ପରିମାଣର ଧାନ ବିକ୍ରି କରିସାରିଥିବାବେଳେ ଏବେ ସେମାନଙ୍କୁ ଘାରିଛି ବଳକା ଧାନ ବିକ୍ରି ଚିନ୍ତା। ଧାନ ଅମଳ ସମୟରେ କୃଷି ବିଭାଗ ପକ୍ଷରୁ ଠିକ୍ ଭାବେ ସର୍ଭେ କରାଯାଉ ନ ଥିବାରୁ କମ୍ ଟାର୍ଗେଟ୍ ମିଳୁଛି। ତେଣୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଜିଲାରେ ମୋଟ ୧୬ ଲକ୍ଷ ୪୧ହଜାର ୧୨୬ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଥିବା କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ ଲକ୍ଷ ୪୪ହଜାର ୮୭୬ କୁଇଣ୍ଟାଲ ଧାନ କିଣିବା ଲାଗି ଯୋଗାଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାସତ୍ତ୍ୱେ ସମସ୍ତଙ୍କଠାରୁ ଧାନ କିଣାଯାଇପାରିବ ନାହିଁ ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ସଦର ବ୍ଲକ ଗୋବିନ୍ଦପୁର ଗ୍ରାମର ଚାଷୀ ସନ୍ତୋଷ ସ୍ୱାଇଁ କୁହନ୍ତି, ଚଳିତ ବର୍ଷ ୨୩୦ କୁଇଣ୍ଟାଲ ଧାନ ଉତ୍ପାଦନ ହୋଇଛି। ପ୍ରାୟ ୩୦ କୁଇଣ୍ଟାଲ ଧାନ ହାତୀ ଓ ବାର୍‌ହା ନଷ୍ଟ କରିଦେଲେ। ୫୪ କୁଇଣ୍ଟାଲ ଧାନ ରାଜ୍ୟ ବିହନ ବିକ୍ରି ସଂସ୍ଥାକୁ ଦେଲୁ। ବାକି ୧୧୬ କୁଇଣ୍ଟାଲ ମଣ୍ଡିରେ ବିକ୍ରି କରାଯାଇଛି। ତଥାପି ପ୍ରାୟ ୩୦ କୁଇଣ୍ଟାଲ ଧାନ ଘରେ ପଡ଼ିଛି। ସରକାର ଧାନ ନ କିଣିଲେ ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହେବୁ ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ କୁହନ୍ତି, କୃଷି ବିଭାଗର ସର୍ଭେ ଅନୁଯାୟୀ ମଣ୍ଡିରେ ଧାନ ବିକ୍ରି ଟାର୍ଗେଟ୍ ଧାର୍ଯ୍ୟ ହେଉଛି। ଆବଶ୍ୟକତାକୁ ନଜରରେ ରଖି ପୁନର୍ବାର ମଣ୍ଡି ମାଧ୍ୟମରେ ୩ ଲକ୍ଷ ୪୪ ହଜାର ୮୭୬ କୁଇଣ୍ଟାଲ ଧାନ କିଣିବା ଲାଗି ପ୍ରସ୍ତାବ ଦିଆଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ତୋଷ କୁହନ୍ତି, ରାଜସ୍ୱ, କୃଷି ଓ ପରିସଂଖ୍ୟାନ ବିଭାଗର ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଧାନ ଅମଳ ସମ୍ପର୍କିତ ସର୍ଭେ କରାଯାଇଥାଏ। ଚାଷୀମାନେ ଏହାକୁ ଭଲଭାବେ ଜାଣିପାରନ୍ତି ନାହିଁ। ଏବେ ସବୁ ରିପୋର୍ଟ ଅନ୍‌ଲାଇନ୍ ମାଧ୍ୟମରେ ପଠାଯାଉଛି। ତେଣୁ ମନଇଚ୍ଛା ସର୍ଭେ କରିବା ସମ୍ଭବ ନୁହେଁ । ଅନଲାଇନ ପୂର୍ବରୁ କେଉଁଠି କ'ଣ ହେଉଥିଲା ତାହା କହିପାରିବୁନାହିଁ। କିନ୍ତୁ ୨୦୧୯ ପରେ ସବୁକିଛି ଅନ୍‌ଲାଇନ ମାଧ୍ୟମରେ ଫଟୋ ସହ କରାଯାଉଛି।

## ଅମଳ ସର୍ଭେକୁ ନେଇ ପ୍ରଶ୍ନ

ଢେଙ୍କାନାଳ ଜିଲାର ଧାନଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବାବେଳେ କୃଷି ବିଭାଗ ପକ୍ଷରୁ ହୋଇଥିବା ସର୍ଭେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଧାନ ଅମଳ ବେଳେ କୃଷି ବିଭାଗ ପକ୍ଷରୁ ଠିକ୍ ଭାବେ ସର୍ଭେ କରାଯାଉ ନାହିଁ। ଅଧିକାରୀ ଓ କର୍ମଚାରୀମାନେ କ୍ଷେତକୁ ନ ଯାଇ କାର୍ଯ୍ୟାଳୟରେ ବସି ମନଇଚ୍ଛା ସର୍ଭେ କରୁଛନ୍ତି। ଠିକ୍ ଭାବେ ଅକଳନ ହୋଇପାରୁ ନ ଥିବାରୁ କମ୍ ଟାର୍ଗେଟ୍ ମିଳୁଛି। ତେଣୁ ଚାଷୀମାନେ ସମସ୍ୟା ଭୋଗୁଛନ୍ତି। ଏ ସଂକ୍ରାନ୍ତରେ ସଦର ବ୍ଲକ ମୋଟରି ଅଞ୍ଚଳର ଚାଷୀ ପ୍ରଦୋଷ ମହାପାତ୍ର କୁହନ୍ତି, ୧ ଏକର ଚାଷ ଜମିରେ ଖତ ଦେଇ ଚାଷ କଲେ ୨୦ରୁ ୨୨ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ଅମଳ ହୋଇଥାଏ। ତଦନୁଯାୟୀ ସର୍ଭେ ହେବା କଥା। ହେଲେ ତାହା ହେଉନାହିଁ। ଧାନ ଚାଷୀମାନେ ଯେପରି ଅଭାବୀ ବିକ୍ରିର ଶିକାର ନ ହୁଅନ୍ତି, ସେଥିଲାଗି ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତଥାପି ଏହାକୁ ବିଭାଗୀୟ ଅଧିକାରୀ ଅଣଦେଖା କରୁଛନ୍ତି, ଯାହାର ଫଳ ଚାଷୀମାନେ ଭୋଗୁଛନ୍ତି ବୋଲି ପ୍ରଦୋଷ କହିଛନ୍ତି।

# 'ଲାଭ ବଢ଼ାଇବ କୃଷି ଯନ୍ତ୍ରପାତି ବ୍ୟବହାର'



ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିବସ କାର୍ଯ୍ୟକ୍ରମରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧୨।୨**

ଢେଙ୍କାନାଳ ମିନି ଷ୍ଟାଡିୟମ୍‌ଠରେ ଚାଲିଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରବିବାର ତୃତୀୟ ଦିବସରେ ପହଞ୍ଚିଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର, ରାଜ୍ୟ କୃଷକ ପରାମର୍ଶ କମିଟି ସଦସ୍ୟ ସୁଧାକର ସାହୁ ପ୍ରମୁଖ ଯୋଗଦେଇଥିଲେ। କୃଷି ଯନ୍ତ୍ରପାତିର ବ୍ୟବହାର କୃଷି ଉତ୍ପାଦନ ସାଙ୍ଗକୁ ଲାଭ ବଢ଼ାଇବ। ଚାଷୀଙ୍କୁ ନୂତନ ମାର୍ଗଦର୍ଶନ ଦେବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସବୁଜ ପରିବେଶ ମଧ୍ୟରେ କୃଷି ବିଭାଗର ପ୍ରତିବଦ୍ଧତାକୁ ସୂଚାଇବାକୁ ଯାଇ ଅତିଥିମାନେ ଅଁଳା ଚାରାରେ ଜଳଦାନ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଶରତ କୁମାର ତୋଷଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ ଅଧିକାରୀଙ୍କ ସମେତ ୪୦ଜଣ ଚାଷୀ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନରେ କମ୍ପିଲା ଗ୍ରାମ

**କଣିହାଁ, ୧୨।୨(ଡି.ଏନ.ଏ.)**

କଣିହାଁ ବ୍ଲକ ସାନତ୍ରିବିଡା ପଞ୍ଚାୟତ ଧୋବାପାଳ ଗ୍ରାମରେ ବିଶ୍ୱ କଲ୍ୟାଣ ନିମନ୍ତେ ଏକ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ଶନିବାର କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟ କରାଯାଇଥିଲା। ଗ୍ରାମ ଠାକୁର ଘର ପ୍ରାଙ୍ଗଣରେ ଏହି ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଭ୍ୟା ମିନାକ୍ଷୀ ସାହୁ, କିଶୋର କୁମାର ବେହେରା, ସାମାଜିକ କର୍ମୀ ସୁନୀଲ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମବାସୀ ପରିଚାଳନା କରିଥିବା ବେଳେ ସୋମବାର ନଗରକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟ ଅନୁଷ୍ଠିତ ହେବ।

## ବୃନ୍ଦାବନପୁର କ୍ରିକେଟ୍: ଜହ୍ନାପଡ଼ା ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ପରଜଙ୍ଗ, ୧୨।୨(ଡି.ଏନ୍.ଏ.)**

ପରଜଙ୍ଗ ପଞ୍ଚାୟତ ବୃନ୍ଦାବନପୁରଠାରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ଖାଲପାଳକୁ ହରାଇ ଜହ୍ନାପଡ଼ା ଚାମ୍ପିୟନ ହୋଇଛି। ଜହ୍ନାପଡ଼ା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ୍ ହରାଇ ୧୪୮ ରନ୍ କରିଥିଲା। ଜବାବରେ ଖାଲପାଳ ୧୩ ଓଭରରେ ୮୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜଗା ଦଳବେହେରା, କାଳିଆ ବିଶ୍ୱାଳ ଅମ୍ପାୟରିଂ କରିଥିବାବେଳେ ସୁମନ ଦାସ ଓ ଆଲୋକ ଦଳେଇ ସ୍କୋରର ରହିଥିଲେ। ସ୍ମୃତିସ୍ୱରୂପ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ସମ୍ମାନିତ ଅତିଥି ସୌମ୍ୟରଞ୍ଜନ ଦାସ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ।

# 'ହାକାଥଲନ ଭବିଷ୍ୟତର ବୈଜ୍ଞାନିକଙ୍କ ଅନ୍ତୁଡ଼ିଶାଳ'

**ଢେଙ୍କାନାଳ ଅଫିସ, ୧୨।୨**




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ଢେଙ୍କାନାଳ କଲେଜରେ ଶନିବାର ଜିଲାସ୍ତରୀୟ ହାକାଥଲନ ଏବଂ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ ଏହାକୁ ଉଦ୍‌ଘାଟନ କରି କହିଲେ, ହାକାଥଲନ ଭବିଷ୍ୟତର ବୈଜ୍ଞାନିକଙ୍କ ଅନ୍ତୁଡ଼ିଶାଳ। ମହାବିଦ୍ୟାଳୟର କୁଞ୍ଜବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲାର ୪୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ, ଇଂଲିଶ ବିଷୟରେ ତର୍କ, ପ୍ରବନ୍ଧ, ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଇ ଚନ୍ଦନ ବୋଷ, ଶୁଚିସ୍ମିତା ସାହୁ ପ୍ରଥମ, ଶ୍ରୀଧରସ୍ୱାମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭଲକ୍ଷ୍ମୀ ସାହୁ ଓ ଉଦ୍ଦେଶ୍ୟ ଉପାସନା ଦ୍ୱିତୀୟ, ପରଜଙ୍ଗ ବ୍ଲକ ବାରିହାପୁର କଲେଜର ଅନିଲ ସାହୁ, ସୁମିତ୍ରା ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିଇଓ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଧାନ, ଏଡିଇଓ ସସ୍ମିତା ସାହୁ, ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ସୁଜାତା ବେହେରା, ଡ. ସୌମ୍ୟ ନନ୍ଦ, ଡ. ସମ୍ବିତ୍ ସାହୁ, ପ୍ରକାଶ ସାହୁ, ସୁରେଖା ବଳିଆରସିଂ, ରଜନୀକାନ୍ତ ଖୁଣ୍ଟିଆ, ରଶ୍ମିରଞ୍ଜନ ନାୟକ, ଭୂପେଶ ଚନ୍ଦ୍ର ସାହୁ, ସାରଦା ପ୍ରସନ୍ନ ପତି, ଅଦ୍ୱୈତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଘୋଷକ ଅମିୟ ଚାନ୍ଦ ସମ୍ମାନିତ




ଘୋଷକ ଅମିୟ ଚାନ୍ଦଙ୍କୁ ସମ୍ମାନିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୨।୨**

ପୁରୀ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମ୍‌ରେ ଜାତୀୟ ସିନିଅର ସଫ୍ଟବଲ୍ ପ୍ରତିଯୋଗିତାର ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଢେଙ୍କାନାଳ ଜିଲା ସଫ୍ଟବଲ୍ ଆସୋସିଏଶନର ସମ୍ପାଦକ ତଥା ଆନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦଙ୍କୁ ସମ୍ମାନିତ କରାଯାଇଛି। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ସଫ୍ଟ ବଲ୍ ଆସୋସିଏଶନ୍‌ର ସଭାପତି ନିତାଲ ନାରଙ୍ଗ, ଜାତୀୟ ସମ୍ପାଦକ ଏଲ୍.ଆର୍. ମୋରିୟା ପ୍ରମୁଖ ଅମିୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ଟୋକିଓ ଅଲିମ୍ପିକ୍‌ରେ ପ୍ରଥମ ଥର ସଫ୍ଟ ବଲ୍ ପ୍ରତିଯୋଗିତାକୁ ସାମିଲ କରାଯାଇଥିଲା।

# 'ଇଚ୍ଛାଶକ୍ତି ଥିଲେ ସବୁକିଛି ସମ୍ଭବ'



କାମାକ୍ଷାନଗର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**କାମାକ୍ଷାନଗର, ୧୨।୨(ଡି.ଏନ୍.ଏ.)**

**କାମାକ୍ଷାନଗର ମହୋତ୍ସବ ଉଦ୍‌ଯାପିତ**

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍‌ରେ ୫ଦିନ ଧରି ଚାଲିଥିବା ପ୍ରଥମ କାମାକ୍ଷାନଗର ମହୋତ୍ସବ, ଜାତୀୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ପଲ୍ଲିଶ୍ରୀ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ବାଜି ରାଉତ ମଞ୍ଚରେ ଆୟୋଜିତ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏଭଳି ଉପଖଣ୍ଡସ୍ତରୀୟ ମହୋତ୍ସବ ତାଙ୍କୁ ଅଭିଭୂତ କରିଛି। ଇଚ୍ଛା ଶକ୍ତି ଥିଲେ ସବୁକିଛି ସମ୍ଭବ। ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ସହଯୋଗରୁ ଏଭଳି ଏକ ବିରାଟ କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଏମ୍‌ପି ମହେଶ ସାହୁ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ, ଅତିରିକ୍ତ ସଚିବ ନରୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଭଳି ଭବ୍ୟ କାର୍ଯ୍ୟକ୍ରମକୁ ସଫଳ ରୂପ ଦେଇଥିବାରୁ ଅତିଥିମାନେ ଆୟୋଜକମଣ୍ଡଳୀଙ୍କୁ ପ୍ରଶଂସା କରିଥିଲେ। ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ବିଡିଓ ବିକାଶ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।




## କିମିଆ କଲେ କୁଳଦୀପ



କୁଳଦୀପ ପଟ୍ଟନାୟକ

କାମାକ୍ଷାନଗର ମହୋତ୍ସବର ଶେଷ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେବାକୁ ଲୋକାରଣ୍ୟ ହୋଇଉଠିଥିଲା ସାରଙ୍ଗଧର ଷ୍ଟାଡିୟମ୍। ଓଲିଉଡ୍‌ର ଭର୍ସାଟାଇଲ୍ ସିଙ୍ଗର କୁଳଦୀପ ପଟ୍ଟନାୟକ ଦର୍ଶକଙ୍କୁ ନିରାଶ କରି ନ ଥିଲେ। ସେ ଗାଇଥିବା ଆହେ ନୀଳ ଶଇଳ, ତୁ ସମ୍ମୋହିନୀ ଗୀତର ତାଳେ ତାଳେ ଦର୍ଶକମାନେ ଝୁମି ଉଠିଥିଲେ। ସେହିପରି ଓଲିଉଡ୍ ଅଭିନେତା ଅଶ୍ୱିନୀ ଓ ପ୍ରେରଣା ନୃତ୍ୟ, ନନ୍‌ସେନ୍ସ ମଣିଙ୍କ କମେଡ଼ି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲା।

## ସଂକ୍ଷେପରେ

### କଲେଜ ଅଧ୍ୟକ୍ଷାଙ୍କ ପରଲୋକ

ବଇଣ୍ଡା, ୧୨।୨ (ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତାରାଣୀ ମହାପାତ୍ର (୫୯)ଙ୍କ ରବିବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ ହୃଦ୍‌ଘାତ ହୋଇଥିଲା। ତାଙ୍କ ବିୟୋଗରେ କିଶୋରନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ମହଲରୁ ଶୋକ ପ୍ରକାଶ କରାଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମଧ୍ୟ କଲେଜ ଅଧ୍ୟକ୍ଷାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।



### ଅବକାରୀ ଚଢ଼ାଉ, ୩ ଗିରଫ

କଣିହାଁ, ୧୨।୨(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ଥାନା ଅଧୀନ ବଡଗୁଣ୍ଡୁରୀ ପଞ୍ଚାୟତର ବଇଣ୍ଡା, ବଡ଼ଗୁଣ୍ଡୁରୀ, ଲୁହାମରା ଗ୍ରାମରେ ରବିବାର ତାଳଚେର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ତାଳଚେର ଅବକାରୀ ବିଭାଗ କର୍ମଚାରୀମାନେ ଲୁହାମରାଠାରୁ ଟୁନା ସାହୁଙ୍କୁ ଧରିଥିବା ବେଳେ ବଇଣ୍ଡାରୁ ଝସକେତନ ବେହେରା, ବଡଗୁଣ୍ଡୁରୀରୁ ସୁଦର୍ଶନ ସେଠୀଙ୍କୁ ଗିରଫ କରିଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ସହ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ତାଳଚେର ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ତାଳଚେର ଅବକାରୀ ବିଭାଗ ଅଧିକାରୀ ମଧୁସୂଦନ ବେହେରାଙ୍କ ନେତୃତ୍ୱରେ ଏଏସ୍‌ଆଇ ସଂଯୁକ୍ତା ସାହୁ, ଅବକାରୀ ଆରକ୍ଷୀ ମନୋଜ ବେହେରା, ନିତିନି ଓ ପ୍ରଭାତ ସାହୁ ସାମିଲ ଥିଲେ।

### ସାଇବର ଠକେଇ ଅଭିଯୋଗ

ଅନୁଗୋଳ ଅଫିସ, ୧୨।୨- ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ଏକ ସାଇବର ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳର ସୁଶାନ୍ତ କୁମାର ପ୍ରଧାନ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସୁଶାନ୍ତ କଣିହାଁ ଅଞ୍ଚଳରେ କାର୍ଯ୍ୟ କରନ୍ତି। ତାଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା। ଅଜଣା ବ୍ୟକ୍ତି ଜଣକ କ୍ରେଡିଟ୍ କାର୍ଡ ଆକ୍ଟିଭ କରିବାକୁ କହି ଓଟିପି ପଠାଇଥିଲେ। ସନ୍ଦେହ ହେବାରୁ ସୁଶାନ୍ତ ନମ୍ବର ଦେଇ ନ ଥିଲେ। ତେବେ କଷ୍ଟମର କେୟାର ନମ୍ବରରୁ ଫୋନ୍ ଆସିବାରୁ ସେ ଓଟିପି ଦେଇଥିଲେ। ଏହାପରେ ୨ଟି ପର୍ଯ୍ୟାୟରେ ତାଙ୍କ କ୍ରେଡିଟ କାର୍ଡରୁ ୪୩ ହଜାର ୬୭୯ ଟଙ୍କା କଟିଯାଇଥିବା ସୁଶାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

### ଟ୍ରକ୍ ଚାଳକଙ୍କ ଟଙ୍କା ଚୋରି

ଅନୁଗୋଳ ଅଫିସ, ୧୨।୨- ଅନୁଗୋଳ ଜିଲା ତାଳଚେର ଅଞ୍ଚଳର ଜଣେ ଟ୍ରକ୍ ଚାଳକଙ୍କ ନିକଟରୁ ଚୋରି ହୋଇଛି। ଏ ନେଇ ଯାଜପୁର ଜିଲା ବଡ଼ଚଣା ଥାନା ଅଞ୍ଚଳର ବାଇଧର ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୯୯/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ବାଇଧର ଏକ ଟ୍ରକ୍ (ନଂ. ଓଡି ୦୪ କିୟୁ ୪୭୩୪)ରେ ଖଣିରୁ କୋଇଲା ଲୋଡ କରିଥିଲେ। ତେବେ କ୍ଳାନ୍ତ ଅନୁଭବ କରିବାରୁ ଗାଡ଼ି ପାର୍କିଂ କରି ସେ ବିଶ୍ରାମ ନେଉଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଗାଡ଼ି ଭିତ୍ରରୁ ୧୪ ହଜାର ଟଙ୍କା ସହ ମୋବାଇଲ ଫୋନ୍ ନେଇଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

### ପୋଲିସ ବିରୋଧରେ ଏତଲା

ଖମାର, ୧୨।୨ (ଡି.ଏନ.ଏ.)- ପାଲଲହଡା ପୋଲିସ ବିରୋଧରେ ଥାର୍ଡ ଡିଗ୍ରୀ ଅଭିଯୋଗ ପରେ ରବିବାର ଏ ନେଇ ଖମାର ଥାନାରେ ଏତଲା ହୋଇଛି। ପୋଲିସ ନଂ. ୨୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଖମାର ଥାନା ଇଞ୍ଜିଡ଼ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଆଦିତ୍ୟ ବେହେରା ଓ ତାଙ୍କ ପରିବାର ଅନୁଗୋଳ ଜିଲା ଆରକ୍ଷୀ ଅଧିକାରୀଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଙ୍କ ସମ୍ମୁଖରୁ ଟଙ୍କା ଲୁଟ୍ ମାମଲାରେ ପୋଲିସ ଆଦିତ୍ୟଙ୍କୁ ଘରୁ ଉଠାଇ ନେଇ ଥାନାରେ ମାଡ଼ ମାରିଥିବା ସେମାନେ ଅଭିଯୋଗରେ ଦର୍ଶାଇଥିଲେ। ଖମାର ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ କହିଛନ୍ତି, ଉପଯୁକ୍ତ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବ୍ରାହ୍ମଣୀରୁ ଅବାଧ ବାଲି ଚାଲାଣ

- ମଞ୍ଜୁରୀ ନ ଥାଇ ହେଉଛି ଉତ୍ତୋଳନ
- ସୂଚନା ଥାଇ ରାଜସ୍ୱ ବିଭାଗ ନୀରବ
- ଅସହାୟତା ପ୍ରକାଶ କଲେ ଆର୍‌ଆଇ

ପରଜଙ୍ଗ, ୧୨।୨(ଡି.ଏନ୍.ଏ.)



ବ୍ରାହ୍ମଣୀ ପଠାରୁ ବେଆଇନ ଭାବେ ବାଲି ଚାଲାଣ କରାଯାଉଛି।

ନିଲାମ ହୋଇଛି ବାଲିଘାଟ। ହେଲେ ନିଲାମଧାରୀ ସଂସ୍ଥା ଦାଖଲ କରିନାହିଁ ଆବଶ୍ୟକ କାଗଜପତ୍ର। ତଥାପି ବାହୁବଳ, ରାଜନୈତିକ ଚାପ ପ୍ରୟୋଗ କରି ବ୍ରାହ୍ମଣୀ ଶଯ୍ୟାରୁ ଦିନରାତି ଉଠାଯାଉଛି ବାଲି। ଏଭଳି ବେଆଇନ କାର୍ଯ୍ୟ ସମ୍ପର୍କରେ ରାଜସ୍ୱ ବିଭାଗ ଅବଗତ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହାଯୋଗୁ ସରକାର ବିପୁଳ ରାଜସ୍ୱ ହରାଉଥିବାବେଳେ ଜୈବ ବିବିଧତା ଉପରେ ଏହାର କୁପ୍ରଭାବ ପଡୁଛି, ଯାହାକୁ ନେଇ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଲେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପରଜଙ୍ଗ ଅଞ୍ଚଳରେ ପ୍ରଚୁର ପରିମାଣର ଲଘୁ ଖଣିଜ ସାମଗ୍ରୀ ଉପଲବ୍ଧ ଥିବାବେଳେ ଏସବୁ ଉପରେ ମୁନାଫାଖୋର ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ବିଶେଷ କରି ବାଲିଘାଟ ନିଲାମ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ଏହାକୁ କରାୟତ୍ତ କରିବାକୁ ପ୍ରତିଯୋଗିତା ଚାଲିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବ୍ରାହ୍ମଣୀ ନଦୀର କୁଲେଇ ବାଲିଘାଟରେ। ଉକ୍ତ ବାଲିଘାଟକୁ ପ୍ରଶାସନ ପକ୍ଷରୁ ଟେଣ୍ଡର ମାଧ୍ୟମରେ ନିଲାମ ଡକାଯାଇଥିଲା, ଯାହାକୁ ଭୁବନେଶ୍ୱର ଅଞ୍ଚଳର ଜଣେ ବ୍ୟକ୍ତି ହାସଲ କରିଛନ୍ତି। ହେଲେ ବାଲିଘାଟ ନିଲାମ, ଉତ୍ତୋଳନ ସଂକ୍ରାନ୍ତ କାଗଜପତ୍ର ସମ୍ପୂର୍ଣ୍ଣ ହୋଇନାହିଁ। ତହସିଲ ପ୍ରଶାସନ ମଧ୍ୟ ବାଲି ଉଠାଣ ପାଇଁ ଅନୁମତି ଦେଇନାହିଁ। ଏହାସତ୍ତ୍ୱେ ଜେସିବି ମେଶିନ ଏବଂ ଟିପ୍ପର ସହାୟତାରେ ନଦୀଶଯ୍ୟାରୁ ବାଲି ଉତ୍ତୋଳନ କରି ଅନ୍ୟତ୍ର ଗଚ୍ଛିତ ରଖାଯାଉଛି। ସେଠାରୁ ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କେବଳ ଏତିକି ନୁହେଁ, ସୁବିଧାରେ ବାଲି ଚାଲାଣ ପାଇଁ ନଦୀ ଗର୍ଭକୁ ରାସ୍ତା ତିଆରି କରାଯାଇଛି। ଏଥିଲାଗି ଜଙ୍ଗଲ ଜମିରୁ ମୋରମ ଖନନ କରାଯାଇଛି। ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି ବସୁଲେଇ ଘାଟରେ। ଲଘୁ ଖଣିଜ ସାମଗ୍ରୀ ଚାଲାଣ ରୋକିବା ଲାଗି ଜିଲା ପ୍ରଶାସନ ତରଫରୁ ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ବାଲି ବ୍ୟବସାୟୀମାନେ ଏଭଳି ବେଆଇନ କାର୍ଯ୍ୟ କରିବାକୁ ସୁଯୋଗ ପାଉଛନ୍ତି ବୋଲି ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ଗେଙ୍ଗୁଟିଆ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବିବେକାନନ୍ଦ ସାହୁ କୁହନ୍ତି, ଏଭଳି ବେଆଇନ କାର୍ଯ୍ୟ ସମ୍ପର୍କରେ ତାଙ୍କ ନିକଟରେ ସୂଚନା ଅଛି। ତେବେ ତହସିଲ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ସମୟ ଅଭାବ ରହୁଛି। ତେଣୁ ନିରୁପାୟ ହୋଇ ଦେଖିବା ଛଡ଼ା ଅନ୍ୟ ବାଟ ନାହିଁ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ସମ୍ପର୍କରେ କୌଣସି ସୂଚନା ନ ଥିଲା। ତେବେ ଖୁବ୍‌ଶୀଘ୍ର ବାଲିଘାଟରେ ଚଢ଼ାଉ କରାଯିବ।

# ଜଙ୍ଗଲରୁ ୩ ଶିକାରୀ ଗିରଫ

**ବନ୍ଧୁକ, ୨୦ ଅଫୁଟା ଗୁଳି ଜବତ**

ସାତମାଇଲ, ୧୨।୨(ଡି.ଏନ୍.ଏ.)

କଲରାପତରିଆଙ୍କ ମୁଖ୍ୟ ବିଚରଣସ୍ଥଳୀ ପାଲଟିଥିବା ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ୍ ଅନ୍ତର୍ଗତ କୋଇ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ୩ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ପଡ଼ା ଗ୍ରାମର ଗୋମାନି ସେଠୀ (୩୮), ଲିଙ୍କନ ସେଠୀ (୩୫), ଦୁଷ୍ମନ୍ତ ସାହୁ (୨୪)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ୨୦ଟି ଅଫୁଟା ଗୁଳି ଜବତ କରାଯାଇଛି।

ସମ୍ପୃକ୍ତ ୩ ଜଣ ଶନିବାର ସନ୍ଧ୍ୟାରେ ଗ୍ରାମ ନିକଟ କୋଇ ସଂରକ୍ଷିତ ଜଙ୍ଗଲକୁ ବନ୍ୟପ୍ରାଣୀ ଶିକାର କରିବା ଲାଗି ଯାଇଥିଲେ। ଏ ସମ୍ପର୍କରେ ଗୋଇନ୍ଦା ସୂଚନା ମିଳିବା ପରେ ବନ କର୍ମଚାରୀ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ଅଞ୍ଚଳରେ ଏକ ଦେଶୀ ବନ୍ଧୁକ କାରଖାନା ଚାଲିଥିବା ସୂଚନା ମିଳିଛି। ସେଠାରୁ ଶିକାରୀମାନେ ବନ୍ଧୁକ କିଣି ଜନ୍ତୁ ଶିକାର କରୁଥିବା ଜଣାପଡ଼ିଛି। ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଏ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଇନାହିଁ। ଖୁବ୍‌ଶୀଘ୍ର ଚୋରା ବନ୍ଧୁକ କାରବାର ର୍ୟାକେଟର ରହସ୍ୟ ଉନ୍ମୋଚନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଲୋହିତ ରଥ ସୂଚନା ଦେଇଛନ୍ତି।



ବନ ବିଭାଗ ଦ୍ୱାରା ଗିରଫ ୩ ଅଭିଯୁକ୍ତ।

**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

# ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ କରାଯିବ

ଢେଙ୍କାନାଳ ଅଫିସ, ୧୨।୨



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ୩ୟ ବାର୍ଷିକ ସମ୍ମିଳନୀ ରବିବାର ସ୍ଥାନୀୟ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ, ସମ୍ମାନିତ ଅତିଥି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତସ୍ତରରୁ ବରିଷ୍ଠ ନାଗରିକଙ୍କୁ ଏକାଠି କରି ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଅତିଥିମାନେ କହିଥିଲେ।

ସଙ୍ଗଠନ ସଭାପତି ଦୁର୍ଗାଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଯୋଗୀନାଥ ମହାନ୍ତି, ଅକ୍ଷୟ ସାହୁ, ଶଶାଙ୍କ ଶେଖର ରଥ, ବାହାଦୁର ପାଟସାହାଣୀ, ସୁସନ୍ଧ୍ୟା ମହାନ୍ତି, ମୋହିତ ସାହୁ, ବିପ୍ରବର ସାହୁ, ବିନାୟକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମାନନ୍ଦ ପୃଷ୍ଟି ମଞ୍ଚ ପରିଚାଳନା କରିଥିବାବେଳେ ଅମ୍ବିକା ବରାଳ ଏହାର ସଂଯୋଜନା କରିଥିଲେ। ସମ୍ମିଳନୀରେ ଜିଲାସ୍ତରରୁ ବହୁସଂଖ୍ୟକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବାଜିରୌତଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପହଞ୍ଚିଥିଲା।

# ପାଠାଗାର ଲୋକାର୍ପଣ




ଅନୁଗୋଳ ଅଫିସ, ୧୨।୨

ବଣ୍ଟରପାଳ ବ୍ଲକ କୁରୁଡୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଇଓ ଦେବାନନ୍ଦ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏଡିଇଓ ପ୍ରତିଭା ବାରିକ, ମୁଖ୍ୟ ବକ୍ତା ମନୋରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଜିତେନ୍ଦ୍ର ମିଶ୍ର, ସୁଷମା ପଟ୍ଟନାୟକ ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ତଥା ସରପଞ୍ଚ ଦିବାକର ମହାଳିକ, ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନ, ସିଆରସିସି କିଶୋର ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ଶଶାଙ୍କ ଶେଖର ନାଥ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦେଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଟଙ୍କଧର ନାୟକ, ସବିତା ପ୍ରଦାନ, ଉପାସୀ ରାଉତରାୟ, ମୋନାଲିସା ପ୍ରିୟଦର୍ଶିନୀ ସହଯୋଗ କରିଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନ ପକ୍ଷରୁ ନିର୍ମାଣ ହୋଇଥିବା ପାଠାଗାର ଓ ଏକ ମୁକ୍ତ ମଞ୍ଚ ଲୋକାର୍ପଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗୀତିନାଟ୍ୟ ପରିବେଶଷ କରାଯାଇଥିଲା।

# ‘ଆଇନ ଜାଣନ୍ତୁ ମହିଳା’




ଢେଙ୍କାନାଳ ଅଫିସ, ୧୨।୨

ଢେଙ୍କାନାଳ ଶ୍ୟାମାଚରଣପୁରସ୍ଥିତ ସେୟାର ତାଲିମ ଗୃହଠାରେ ୟୁଏସ୍ କନସୁଲେଟ ଜେନେରାଲ ଏବଂ ସାମାଜିକ ସଙ୍ଗଠନ ଶ୍ୱାତୀ ପକ୍ଷରୁ ଦୁଇଦିନିଆ ମହିଳା ସଶକ୍ତୀକରଣ ପାଇଁ ଆଇନ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉଦୟ ମହାପାତ୍ର ଏହାକୁ ଉଦ୍‌ଘାଟନ କରି କହିଲେ, ମହିଳା ହିଂସା ରୋକିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବହୁ ଆଇନ ମଧ୍ୟ ପ୍ରଣୟନ ହୋଇଛି। ଏ ବିଷୟରେ ମହିଳାମାନେ ଅଧିକରୁ ଅଧିକ ସଚେତନ ହେଲେ ହିଂସା କମିବ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଯୋରନ୍ଦା ଆକାଶବାଣୀ କେନ୍ଦ୍ରର ସତ୍ୟଭାମା ହୋତା, କବି ଅଭୟ ସାହୁ, ଖବରଦାତା ଶିଶିର ଶତପଥୀ ଯୋଗଦେଇ ମାନସିକତା ବଦଳିଲେ ମହିଳା ହିଂସା ହ୍ରାସ ପାଇବ ବୋଲି କହିଥିଲେ। ସୁଜାତା ମହାପାତ୍ର, ସତ୍ୟଜିତ ପ୍ରତିହାରୀ ପ୍ରଶିକ୍ଷକ ଭାବେ ତାଲିମ ଦେଇଥିଲେ।

# ବିବେକାନନ୍ଦ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

କାମାକ୍ଷାନଗର, ୧୨।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ରଗଡିପଡା ବିବେକାନନ୍ଦ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରପଞ୍ଚ ଆରତୀ ରାଉତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଚେନ୍ନାଇଠାରୁ ଚାଇନା ଯାଏ..., ମୁଁ ଟିକେ ଦୁଷ୍ଟ... ଗ୍ରୁପ୍ ଡ୍ୟାନ୍ସ ଦର୍ଶକଙ୍କୁ ବିମୋହିତ କରିଥିଲା । ସେହିପରି ମେରି ପାପା ମେରି ପାପା ଗୀତର ତାଳେ ତାଳେ କୁନି କୁନି ପିଲାଙ୍କ ନାଚ ଅଭିଭାବକଙ୍କ ମନ ଜିଣିଥିଲା। ଶେଷରେ ବର୍ତ୍ତମାନ ସମାଜରେ ଘଟୁଥିବା ଶାଶୂ-ବୋହୂ ସମ୍ପର୍କକୁ ନେଇ ନାଟକ ପରିବେଷଣ କରାଯାଇଥିଲା । ଏହି ଉତ୍ସବରେ ସ୍କୁଲର ସମସ୍ତ କର୍ମଚାରୀଙ୍କ ସମେତ ବହୁ ଅଭିଭାବକ ଯୋଗଦେଇଥିଲେ ।

# ବାପୁଜୀ କ୍ରିକେଟ କ୍ଲବ୍ ଚାମ୍ପିୟନ

ଛେଣ୍ଡିପଦା, ୧୨।୨ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ କତଡା ପଞ୍ଚାୟତ ଅଧୀନ ବକଳା ଗ୍ରାମ ଖେଳ ପଡିଆଠାରେ ମା’ ତାରିଣୀ କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୨ୟ ବାର୍ଷିକ ମା’ ତାରିଣୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋଶଳା ମା’ ରାମଚଣ୍ଡୀ କ୍ରିକେଟ କ୍ଲବକୁ ହରାଇ କୋରଡ଼ା ବାପୁଜୀ କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଥିଲା। କୁମୁଦ ଚନ୍ଦ୍ର ସିଂହ ଏବଂ ତରୁଣ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ଦିଲୀପ କୁମାର ସିଂହ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଂହ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ କୁମାର ପ୍ରଧାନ, ସମିତି ସଭ୍ୟାଙ୍କ ପ୍ରତିନିଧି ଅମୂଲ୍ୟ କୁମାର ସାହୁ, ବରିଷ୍ଠ ନେତା ସୁଶୀଲ କୁମାର ସିଂହ, ଖବରଦାତା ଲମ୍ବୋଦର ସାହୁ, ଯୁବନେତା କେଶବ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଟିମ୍ ପକ୍ଷରୁ ଶିବରାମ ସିଂହ, ଶଙ୍କର ସିଂହ, ଶ୍ରୀକାନ୍ତ ସିଂହ, ସତ୍ୟ ନାରାୟଣ ସିଂହ, ଦୁଃଖବନ୍ଧୁ ସିଂହ, ସିପୁନ ସିଂହ, ଅରୁଣ କୁମାର ସିଂହ, ବିନୋଦ ଭୋଇ, ବିମଳ ମାଝି, ଶ୍ରୀଧର ଭୋଇ, ପପୁ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ଟ୍ରେନ୍ ଟିକେଟ ଦରବୃଦ୍ଧି ବାଧୁଛି

**ତାଳଚେରରୁ କଟକକୁ ଦିନବେଳା ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି**

ଢେଙ୍କାନାଳ ଅଫିସ, ୧୨।୨



ବୈଠକରେ ରେଳଯାତ୍ରୀ ସଂଘର ସଦସ୍ୟମାନେ।

ଢେଙ୍କାନାଳ-ଅନୁଗୋଳ ଦୈନିକ ରେଳଯାତ୍ରୀ ସଂଘର ବାର୍ଷିକ ବୈଠକ ରବିବାର ସିମିଳିଆସ୍ଥିତ ଏକ ଫାର୍ମ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରେଳଯାତ୍ରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଯାତ୍ରୀସଂଖ୍ୟା ବଢୁଥିବାରୁ ତାଳଚେର-ଢେଙ୍କାନାଳ-କଟକ-ଭୁବନେଶ୍ୱର ରୁଟ୍‌ରେ ଦିନେବେଳା ଆଉ ଏକ ପାସେଞ୍ଜର ଟ୍ରେନ୍ ଚଳାଚଳ ଲାଗି ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ସେହିପରି କୋଭିଡ୍ କଟକଣା ଉଠିବା ପରେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରେ ଟ୍ରେନ୍ ଟିକେଟ ଦର ହ୍ରାସ ପାଇଥିବାବେଳେ ଓଡ଼ିଶାରେ ଅଦ୍ୟାବଧି ଏହା କରାଯାଇନାହିଁ। ଢେଙ୍କାନାଳରୁ ଭୁବନେଶ୍ୱରକୁ ପାସେଞ୍ଜର ଟ୍ରେନ୍‌ରେ କୋଭିଡ୍ ପୂର୍ବରୁ ଯାତ୍ରୀ ପିଛା ଟିକେଟ ଦର ୨୦ ଟଙ୍କା ଥିଲା। କୋଭିଡ୍ ସମୟରେ ଏହାକୁ ୪୦ ଟଙ୍କା କରାଯାଇଥିଲା। ବର୍ତ୍ତମାନ କୋଭିଡ୍ କଟକଣା ହଟିବା ପରେ ମଧ୍ୟ ଏହାକୁ ହ୍ରାସ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା।

ତେବେ ମେମୁ ଟ୍ରେନ୍‌ର ବଗି ସଂଖ୍ୟା ୧୨ରୁ ୧୬କୁ ବୃଦ୍ଧି କରାଯାଇଥିବାରୁ ସଂଘ ପକ୍ଷରୁ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍‌ଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। କେନ୍ଦ୍ର ସରକାର ରେଳ ବଜେଟ୍‌ରେ ଢେଙ୍କାନାଳକୁ ଆଦର୍ଶ ଷ୍ଟେଶନ ଘୋଷଣା କରିଥିବାବେଳେ ତୁରନ୍ତ ଏହାକୁ ବାସ୍ତବ ରୂପ ଦେବା ଲାଗି ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର ଦାବି କରିଛନ୍ତି। ଯୁଗ୍ମ ସମ୍ପାଦକ ମନମୋହନ ମହାପାତ୍ର, କୋଷାଧ୍ୟକ୍ଷ ସରୋଜ ପଟ୍ଟନାୟକ, ଉପଦେଷ୍ଟା ପ୍ରକାଶ ମହାନ୍ତି, ଆଇନ ପରାମର୍ଶଦାତା ଡ. ବିଜୟ କୁମାର ମହାପାତ୍ରଙ୍କ ସମେତ ୧୦୬ ସଦସ୍ୟ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

ଖମାର, ୧୨।୨ (ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାର ଥାନା ଅଞ୍ଚଳର ଜଣେ ୨୩ ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ଶୁକ୍ରବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଯୁବତୀଙ୍କ ବାପା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରସନ୍ନ ବାଘ (୪୭)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

ପୋଲିସ କହିଛି, ଗତ ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତ ପ୍ରସନ୍ନ ସମ୍ପୃକ୍ତା ଯୁବତୀଙ୍କ ଘରକୁ କୌଣସି କାର୍ଯ୍ୟରେ ଯାଇଥିଲେ। ହେଲେ ଘରେ ଦିବ୍ୟାଙ୍ଗ ଯୁବତୀଙ୍କୁ ଏକୁଟିଆ ଦେଖି ପ୍ରସନ୍ନ ବଳାତ୍କାର କରିଥିଲେ। ଘରୁ ଚାଲିଯାଉଥିବା ବେଳେ ପଡ଼ୋଶୀ ତାଙ୍କୁ ଆସିବାର କାରଣ ପଚାରିଥିଲେ। ପ୍ରସନ୍ନ ବଳଦ ପାଇଁ ଆସିଥିବା କହି ପଳାଇ ଯାଇଥିଲେ। ହେଲେ ଯୁବତୀଙ୍କ ବାପା ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅଭିଯୋଗ ମିଳିବା ପରେ ନଂ. ୨୩/୨୩ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଓ ଯୁବତୀଙ୍କ ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଖମାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିଆରୀ ସୂଚନା ଦେଇଛନ୍ତି।

# 'ଚାକିରି ଅନ୍ୱେଷଣରେ ନ ରହି ନିଯୁକ୍ତିଦାତା ହୁଅ'



ଉଦ୍‌ଯାପନୀ ସଭାରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ, ବିଧାୟକ ଓ ଅନ୍ୟ ଅତିଥିମାନେ।

### ବାଲିପଟା ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ଛେଣ୍ଡିପଦା, ୧୨।୨ (ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ବଳରେ ଅନୁଗୋଳରେ ଥିବା ସମ୍ଭାବନାକୁ ବ୍ୟାପକ କରିବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ଅନୁଗୋଳ ଭଳି ଖଣି ସମୃଦ୍ଧ ଅଞ୍ଚଳର ବିକାଶ ଦାୟିତ୍ୱ ଯୁବବର୍ଗଙ୍କ ଉପରେ ରହିଥିବାରୁ ଯୁବପିଢ଼ି କେବଳ ଚାକିରି ଅନ୍ୱେଷଣରେ ନ ରହି ନିଯୁକ୍ତିଦାତା ହେବାକୁ ସଂକଳ୍ପ ନିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଅଧ୍ୟକ୍ଷ ଧରଣୀଧର ନାଥ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ନାମ 'ଅନ୍ୱେଷା'ର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କମିଟିର ଆୟୋଜନକୁ ଉଚ୍ଚ ପ୍ରଶଂସା କରିଥିଲେ। ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମା' ମାଟିର ବିକାଶ ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ତ୍ରିଲୋଚନ ପ୍ରଧାନ, କମିଟି କୋଷାଧକ୍ଷ ରମାକାନ୍ତ ଗଡ଼ନାୟକ, କମିଟି କାର୍ଯ୍ୟକାରୀ ସଭାପତି ସୁଦୀପ ଗଡ଼ନାୟକ ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ମାନସ ରଞ୍ଜନ ଗଡ଼ନାୟକ ଅତିଥି ପରିଚୟ ଦେଇଥିଲେ। ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ ସିଙ୍ଗର ବିନୋଦ ରାଠୋର, ଚାନ୍ଦିନୀ ମୁଖାର୍ଜୀ, ଓଲିଉଡ ସିଙ୍ଗର ଟି ସୌରୀ, ନାଭ୍ୟା ଜାଇତି ସଙ୍ଗୀତ ପରିବେଷଣ କରିଥିଲେ। କମିଟି ଉପଦେଷ୍ଟା ପଣ୍ଡିତ ମୋହନ ଗଡନାୟକ, ପୁରାତନ ଛାତ୍ର ମଦନ ମୋହନ ଗଡନାୟକ, ସମ୍ପାଦକ ରମାକାନ୍ତ ଗଡନାୟକ, ପରିଚାଳନା କମିଟି ସଭାପତି ଖଗେଶ୍ୱର ସାହୁ, ଛାତ୍ର ଜଳଧର ପ୍ରଧାନ, ଲମ୍ବୋଦର ସାହୁ, ସିଦ୍ଧାର୍ଥ ଗଡନାୟକ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବାହ୍ନରେ ଆୟୋଜିତ ରକ୍ତଦାନ ଶିବିରରେ ୮୧ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ସେହିପରି ଛେଣ୍ଡିପଦାର ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା ଛେଣ୍ଡିପଦା ସଦର ମହକୁମାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ୩୩ ୟୁନିଟ୍ ରକ୍ତ ସଂଗ୍ରହ

ଆଠମଲ୍ଲିକ, ୧୨।୨ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତ ବାହାଳି ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଆଠମଲ୍ଲିକ ରକ୍ତ ଭଣ୍ଡାରକୁ ଦିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଥାନା ଅଧିକାରୀ ନିରୋଦ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ସମାଧାନ ସଙ୍ଗଠନ ସମ୍ପାଦକ ବିନୟ କୁମାର ପଟ୍ଟନାୟକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଯୁବ ଶକ୍ତି ୟୁଥ୍ କ୍ଲବ ସମ୍ପାଦକ ତରଣୀସେନ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ଯୁବ ଶକ୍ତି ୟୁଥ୍ କ୍ଲବର ସମସ୍ତ ସଭ୍ୟ ରକ୍ତଦାନ କରିଥିଲେ। ଯୁବ ଶକ୍ତି ସଭାପତି ବିଧାନ ବଘାର, ସମ୍ପାଦକ ତରଣୀସେନ ବେହେରା, ସଭ୍ୟ ପ୍ରଫୁଲ୍ଲ ପ୍ରଧାନ, ସୁବାସ ଚନ୍ଦ୍ର ବେହେରା, ପ୍ରଦୀପ ବଣିଚୋର, ଆଲୋକ କୁମାର, ଲକ୍ଷ୍ମୀକାନ୍ତ ବେହେରା, ଦିଲୀପ ମାଝି, ମାନସ କଟା ପ୍ରମୁଖ ପରିଚାଳନା କରିଥିଲେ। ଆଠମଲ୍ଲିକ ଏସ୍‌ଡିଏମ୍‌ଓ. ଡା. ସୁନୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଡ. ଅଶ୍ୱିନୀ କ୍ଷେତି ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେବିକା ସ୍ନିଗ୍ଧାରାଣୀ ସିଂ, ବୈଷୟିକ ବିଶେଷଜ୍ଞ ସୁଶାନ୍ତ ସାହୁ ରକ୍ତ ସଂଗ୍ରହ କରିଥିବା ବେଳେ ରବି ନାରାୟଣ ମହାନ୍ତି,ରାକେଶ କୁମାର ଦତ୍ତ ଓ ବ୍ଲଡବ୍ୟାଙ୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ମୋଟିଭେଟର ରାଧାମୋହନ ତ୍ରିପାଠୀ ଶିବିର ପରିଚାଳନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ଡୁମାଳ ପରିଷଦର ନୂତନ କର୍ମକର୍ତ୍ତା



ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ।

ମାଧପୁର, ୧୨।୨

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଳୀଠାରେ ରବିବାର ଲୁଣହାଣ୍ଡି କେନ୍ଦ୍ର ଡୁମାଳ ପରିଷଦର ନୂତନ କର୍ମକର୍ତ୍ତା ଚୟନ ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପରାଶର ମେଣ୍ଡୁଲୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକକୁ ଜିଲା କାର୍ଯ୍ୟକାରୀ କମିଟି ଉପସଭାପତି ସୁଧାଂଶୁ ଗାଇଗରିଆ ସଂଯୋଜନା କରିଥିଲେ। ଜିଲା ସମ୍ପାଦକ ଯଜ୍ଞେଶ୍ୱର ମହାଖୁଡ ଉପସ୍ଥିତ ଥିଲେ। ନୂତନ ସଭାପତି ଭାବେ ଲୁଣହାଣ୍ଡି ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଯତୀନ୍ଦ୍ର କଳତା, ସମ୍ପାଦକ ପ୍ରଦୀପ ଚାଉଳିଆ, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ସହ ସମ୍ପାଦକ ମଦନ ପ୍ରଧାନ ଏବଂ କୋଷାଧ୍ୟକ୍ଷ ଭାବେ ଦୁଃଶାସନ ମେଣ୍ଡୁଲିଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ଦେବେନ୍ଦ୍ର ପ୍ରଧାନ, ପରାଶର ମେଣ୍ଡୁଲିଙ୍କୁ ମନୋନୀତ କରାଯିବା ସହିତ ଏକ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଏଡା କେନ୍ଦ୍ର ସଭାପତି କ୍ଷୀରୋଦ ବଘାର, କନ୍ଧପଡା କେନ୍ଦ୍ର ସଭାପତି ଚତୁର୍ଭୁଜ ପ୍ରଧାନଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

### ଇଣ୍ଟରସିଟି ରହଣି ପାଇଁ ଦାବିପତ୍ର

ବଇଣ୍ଡା, ୧୨।୨ (ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ଷ୍ଟେଶନଠାରେ ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍ ରହଣି ପାଇଁ ଶନିବାର କିଶୋରନଗର ଭାଜପା ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାମୁରଠାରେ ଭାଜପା ନେତା ଅଲେଖ ପ୍ରଧାନ, ଅଜିତ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ସରୋଜ ସାହୁ, ଅର୍ଜୁନ ପାଣ୍ଡେ, ବଳରାମ ପ୍ରଧାନ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି, ବାମୁର ଷ୍ଟେଶନ ଦେଇ ଏହି ଟ୍ରେନ ଯାଉଥିଲେ ମଧ୍ୟ ଏଠାରେ ରହୁନାହିଁ। ଏହି ଷ୍ଟେଶନ ଉପରେ ୧୨ଟି ପଞ୍ଚାୟତବାସୀ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ଏହି ଟ୍ରେନ ରହୁ ନ ଥିବା ଯୋଗୁ ଯାତ୍ରୀମାନେ ବଇଣ୍ଡା ଓ ରେଢ଼ାଖୋଲ ଷ୍ଟେଶନକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ଏଥିପ୍ରତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦୃଷ୍ଟି ଦେବାକୁ ଭାଜପା ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ

ବଇଣ୍ଡା/ ଆଠମଲ୍ଲିକ, ୧୨।୨ (ଡି.ଏନ.ଏ.)

ରାଜ୍ୟରେ କାର୍ଯ୍ୟରତ ଅନେକ ଶିକ୍ଷକଙ୍କ ସମସ୍ୟା ସମାଧାନ କରିବାରେ ଓଡ଼ିଶା ସରକାର ବିଫଳ। ରବିବାର ଆଠମଲ୍ଲିକ ମାହେଶ୍ୱରୀ ମନ୍ଦିର ନିକଟରେ ଅନୁଷ୍ଠିତ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଏକ ପ୍ରତିବାଦ ସଭାରେ ଯୋଗ ଦେଇଥିବା ଅତିଥିମାନେ ଏହି ଅଭିଯୋଗ କରିଛନ୍ତି। ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୀରେନ କୁମାର ସାହୁ, ଦିଲୀପ କୁମାର ସାହୁ, ସଦାଶିବ ଦଳ ବେହେରା, ଧବଳେଶ୍ୱର ଦେହୁରୀ, ସୁଧାଂଶୁ ଭୂଷଣ ନାୟକ, ବାବୁଲି ବେଉରିଆ, କାଳିଦାସ କୁମ୍ଭାର, ବିକ୍ରମ ରଣଭୂଇଁସା, ଜ୍ୟୋତିରାଣୀ ରାଉଳ, ପ୍ରବୀଣ କୁମାର ସାହୁଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକମାନେ କହିଥିଲେ ଯେ, ୩ ଦଫା ଦାବିକୁ ନେଇ ଶିକ୍ଷକମାନେ ବହୁବାର ଆନ୍ଦୋଳନ କରିଛନ୍ତି। ସରକାର ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଶିକ୍ଷକ ସଂଘ ସହ ଆଲୋଚନା କରିଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ କରୁନାହାନ୍ତି। ତୁରନ୍ତ ଏହି ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ପୁଣି ଥରେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ବ୍ରହ୍ମାୟଣୀ କ୍ରିକେଟ କପ୍ ଉଦ୍‌ଘାଟିତ

ବଣ୍ଟରପାଳ, ୧୨।୨ (ଡି.ଏନ.ଏ.)

ବଣ୍ଟରପାଳ ବ୍ଲକ ଗୋତମରା ଖେଳପଡ଼ିଆ ଠାରେ ୧୦ତମ ଅଦ୍ୱୈତ ପ୍ରସାଦ ସିଂହ ଓ ୩୦ତମ ମା' ବ୍ରହ୍ମାୟଣୀ କ୍ରିକେଟ କପ୍ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ଗୋପାଳ ନାଏକ, ଜିଲା ବିଜେଡି ଉପସଭାପତି ବାଉରୀବନ୍ଧୁ ସାହୁ, ଏମ୍‌ବିସିସି କ୍ଲବ ସଭାପତି ସୁଭାଷ ଚନ୍ଦ୍ର ପଟ୍ଟନାୟକ, ଅରୁଣାଭ ସିଂହ, ବଣ୍ଟରପାଳ ସମବାୟ ବ୍ୟାଙ୍କ ସମ୍ପାଦକ ସଞ୍ଜିତ ମିଶ୍ର, ସରପଞ୍ଚ ମଣ୍ଟୁ ବରାହ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କ୍ଲବର ସମସ୍ତ ସଦସ୍ୟ ଓ ପୁରାତନ ସଦସ୍ୟ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚରେ ଏନ୍‌ଆର୍‌ସିଏ ନାଲ୍‌କୋ ୧୭ ରନରେ ଢେଙ୍କାନାଳ ଟିମ୍‌କୁ ପରାସ୍ତ କରି ସେମିଫାଇନାଲକୁ ଯାଇଛି।



ଅତିଥିମାନେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦିବସ



ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜନ୍ମ ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

ଛେଣ୍ଡିପଦା, ୧୨।୨ (ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜନ୍ମ ଦିବସ ବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସ୍ୱାମୀ ଦୟାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଏକ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୀବନ ଦର୍ଶନ ଉପରେ ଛାତ୍ରୀଛାତ୍ରମାନଙ୍କୁ ସମ୍ୟକ ମାର୍ଗଦର୍ଶନ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବରେ ଶିକ୍ଷକ କୃଷ୍ଣ କୁମାର ଦାସ, ଚିତ୍ତରଞ୍ଜନ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା, ଚିତ୍ତରଞ୍ଜନ ଓଝା, ସରୋଜ ଭୂତିଆ ଓ ଶିକ୍ଷୟିତ୍ରୀ ଜୁଲି ପାଣି, ମିନତି ମିଶ୍ର, ପିନୁ ରାଉଳ, ମଧୁମିତା ସାହୁ, ସ୍ମିତାରାଣୀ ଖିଲାରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମଧୁମିତା ସାହୁ ପରିଚାଳନା କରିଥିଲେ।

## ମିଷ୍ଟର ଓଡ଼ିଶାରେ ସଫଳତା ଅର୍ଜନ

ବଣ୍ଟରପାଳ, ୧୨।୨ (ଡି.ଏନ.ଏ.)

ବଣ୍ଟରପାଳ ବ୍ଲକ କାଣ୍ଡସର ରଗୁଡ଼ି ସାହିର କାହ୍ନା ଗୋଛାୟତ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଅନୁଷ୍ଠିତ ମିଷ୍ଟର ଓଡ଼ିଶା ପ୍ରତିଯୋଗିତାରେ ଅନୁଗୋଳ କେଦାରନାଥ ଜିମ୍ ସେଣ୍ଟର ତରଫରୁ ପ୍ରତିନିଧିତ୍ୱ କରି ସଫଳତା ଅର୍ଜନ କରିଛନ୍ତି। ସେ ୭୫ କିଲୋ ଓଜନ ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି। ଏଥିପାଇଁ ରବିବାର କାଣ୍ଡସର ପଞ୍ଚାୟତ ତରଫରୁ କାହ୍ନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସବିତା ମହାଳିକ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ଯୁବ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ନାଏବ ସରପଞ୍ଚ ନଗେନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାହ୍ନା ଏହି ସଫଳତା ପାଇଁ ମାତାପିତା, ଗୁରୁ, ଜିମ୍ ଟ୍ରେନର ଓ କେଦାରନାଥ ଜିମ୍‌କୁ ଶ୍ରେୟ ଦେଇଛନ୍ତି।



ସଫଳତା ଅର୍ଜନ କରିଥିବା କାହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସମ୍ରାଟ କ୍ଲବକୁ ହରାଇ ହାଣ୍ଡିଧୁଆଁ ଚାମ୍ପିୟନ

କଣିହାଁ, ୧୨।୨ (ଡି.ଏନ.ଏ.)

କଣିହାଁ ବ୍ଲକ ଟୋଲକବେଡା ଲକ୍ଷ୍ମୀ ନାରାୟଣ ୟୁଥ୍ ଟ୍ରଷ୍ଟ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଣିହାଁ ବ୍ଲକ ବଜ୍ରକୋଟ ସମ୍ରାଟ କ୍ଲବକୁ ହରାଇ ତାଳଚେର ବ୍ଲକ ଇଲେଭେନ୍ ଷ୍ଟାର୍ ହାଣ୍ଡିଧୁଆଁ ଚାମ୍ପିୟନ ହୋଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇ ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସାମାଜିକ କର୍ମୀ ରଞ୍ଜନ କୁମାର ମିଶ୍ର, ସତ୍ୟାନନ୍ଦ ସାହୁ, ଦେବେନ୍ଦ୍ର ବାରିକ, ସୁନୀଲ ପ୍ରଧାନ, ଈଶ୍ୱର ସାହୁ, ଆଲୋକ ସାହୁ, ପ୍ରହ୍ଲାଦ ସାହୁ ପ୍ରମୁଖ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ। ଟ୍ରଷ୍ଟ ସଭାପତି ସୌରଭ ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ସାହୁ, ଚକ୍ରଧର ସାହୁ, ସୁମନ ବେହେରା, ସତ୍ୟରଞ୍ଜନ ସାହୁ, ବବୁଲ ପ୍ରଧାନ, ଗିରିଶ ସାହୁ, ମନୋଜ କୁମାର ସାହୁ, ସଞ୍ଜୟ ପ୍ରଧାନ, ନରେଶ ବେହେରା, ସୁନୀଲ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ମାନସ ସାହୁ, ଜିତେନ୍ଦ୍ର ସେଠୀ, ବଳରାମ ସେଠୀ, ତାପସ ସାହୁ, ଅନିରୁଦ୍ଧ ସେଠୀ, ପ୍ୟାରୀ ମୋହନ ସେଠୀ, ଚିତ୍ତ ରଞ୍ଜନ ସେଠୀ, ସୁମନ୍ତ ସେଠୀ, ବିନୟ ସାହୁ, ମାନସ ସାହୁ, ଚିନ୍ମୟ ପ୍ରଧାନ, ଅଖିଳ ସାହୁ, ଶୁଭେନ୍ଦୁ ସାହୁଙ୍କ ସମେତ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଦଳ ପୁରସ୍କାର ଗ୍ରହଣ କରୁଛନ୍ତି।

## ସତ୍‌ସଙ୍ଗ ହିଁ ମାନସିକ ଶକ୍ତି ଦେଇଥାଏ

ଅନୁଗୋଳ ଅଫିସ, ୧୨।୨

ଅନୁଗୋଳ ସତ୍‌ସଙ୍ଗ ବିହାର ପରିସରରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହାମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରାରେ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା। ସତ୍‌ସଙ୍ଗର ପରିଚାଳକ ମାଧବ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ (ରାଜସ୍ୱ) ଯୋଗଦାନ କରି ସତ୍‌ସଙ୍ଗର ଭାବଧାରାକୁ ଅନୁସରଣ କଲେ ନିଶ୍ଚିତ ମାନସିକ ଶାନ୍ତି ଓ ଶକ୍ତି ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିକାଶ କଲେଜ ଭୁବନେଶ୍ୱରର ପ୍ରଫେସର ଡକ୍ଟର ରମାକାନ୍ତ ମିଶ୍ର ଯୋଗ ଦେଇଥିଲେ। ପୀତାମ୍ବର ସାମଲ ଓ ଅଶୋକ କୁମାର ଗଡ଼ନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ଡକ୍ଟର ବିନୟ କୁମାର ନାଥ ମେଡିକାଲ କ୍ୟାମ୍ପ ଉନ୍ମୋଚନ କରିଥିଲେ। ନିମାଇଁ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଲୋଚନା ମା'ଙ୍କ ପରିଚାଳନାରେ ମାତୃ ସମ୍ମିଳନୀ କରାଯାଇଥିଲା। ତାରାକାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅଚ୍ୟୁତାନନ୍ଦ ବରିହା, ବିନୋଦ ସାହୁ, ବିନୋଦ ବିହାରୀ ମହାପାତ୍ର, ଗୋପାଳ ପଣ୍ଡା, ସୁରେଶ ଚନ୍ଦ୍ର ତ୍ରିପାଠୀ, କଳ୍ପନା ଗଡ଼ନାୟକ, ସୁଲୋଚନା ସାମଲ, ମନୋଜ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହାମହୋତ୍ସବ ପାଳନ କରାଯାଉଛି।

